# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**8 May - 2024**

**News Editor : Tapan Kumar Maharana**

*********************************

## ମୁଖ୍ୟ ସମ୍ବାଦ

- ନିର୍ବାଚନ ପ୍ରଚାର କାର୍ଯ୍ୟରେ ଆଜି ଦିନିକିଆ ଓଡ଼ିଶା ଗସ୍ତରେ କେନ୍ଦ୍ର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ; ୧୦ ତାରିଖରେ ଆସିବେ ପ୍ରଧାନମନ୍ତ୍ରୀ
- ବୌଦ୍ଧ ଜିଲ୍ଲାରେ ଆଜି ଆତ୍ମସମର୍ପଣ କଲେ ୯ ଜଣ ମାଓବାଦୀ
- ଆଜି ବିଶ୍ୱ ରେଡକ୍ରସ୍ ଦିବସ; ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ

ଏବଂ

- ପୁରୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ବନକଲାଗି  ନୀତି ପାଇଁ ସନ୍ଧ୍ୟା ୬ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଶ୍ରୀ ମୋଦୀ ଆସନ୍ତା ୧୦ ତାରିଖରେ ଭୁବନେଶ୍ୱରରେ ପହଞ୍ଚି ଏକ ରୋଡ଼ ଶୋ'ରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଶ୍ରୀ ମୋଦୀଙ୍କ ରୋଡ୍‌ଶୋ' ମାଷ୍ଟରକ୍ୟାଣ୍ଟିନ୍ ଛକରୁ ବାଣୀବିହାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିପାଇଁ କମିଶନରେଟ୍ ପୋଲିସ୍ ପକ୍ଷରୁ ୫୦ ପ୍ଲାଟୁନ୍ ପୋଲିସ୍ ଫୋର୍ସର ବ୍ୟବସ୍ଥା କରାଯାଇଥିବା ବେଳେ ଏଥିରେ ୩୫୦ ଜଣ ପୋଲିସ୍ ଅଧିକାରୀ ମୁତୟନ ହେବେ ।  ଆସନ୍ତା ୧୦ ଓ ୧୧ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଭୁବନେଶ୍ୱର ରୋଡ୍ ଶୋ' ଏବଂ କନ୍ଧମାଳ, ବରଗଡ଼ ଓ ବଲାଙ୍ଗିର ସଭାସ୍ଥଳକୁ ନୋ ଫ୍ଲାଇଙ୍ଗ୍ ଜୋନ୍ ଘୋଷଣା କରାଯାଇଛି ।

ଆଜି କେନ୍ଦ୍ର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଦିନିକିଆ ଓଡ଼ିଶା ଗସ୍ତରେ ଭବାନୀପାଟଣାଠାରେ ବିଜେପି ପାଇଁ ନିର୍ବାଚନ ପ୍ରଚାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ଦିନ ୧୨ ଟା ୪୦ ମିନିଟ୍‌ରେ କଳାହାଣ୍ଡିଠାରେ ପହଞ୍ଚିବା ପରେ ଜିଲ୍ଲା ପୁଲିସ୍ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ମଧ୍ୟରେ ଆସି ଦିନ ଗୋଟାଏରେ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ ପହଞ୍ଚି ସାଧାରଣ ସଭାରେ ଉଦ୍‌ବୋଧନ ଦେଇଛନ୍ତି। ଆଗାମୀ ୧୦ ରୁ ୧୫ ବର୍ଷ ଭିତରେ

ଦେଶରେ ଗରିବ କେହି ରହିବେ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି .............

# - V/O -

ଭବାନୀପାଟଣାରେ କାର୍ଯ୍ୟକ୍ରମ ଶେଷ କରି ସେ ରାୟଗଡ଼ା ଅଭିମୁଖେ ଯାତ୍ରା କରିବେ ବୋଲି ଆମ କଳାହାଣ୍ଡି ସମ୍ବାଦଦାତା ସୂଚନା ଦେଇଛନ୍ତି।

ସେହିପରି ଆମ ରାୟଗଡ଼ା ସମ୍ବାଦଦାତା ସୂଚନା ଦେଇଛନ୍ତି, ଆଜି ଅପରାହ୍ଣ ୩.୨୦ ମିନିଟ୍‌ରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ରାୟଗଡ଼ା ପହଞ୍ଚି ଉପସ୍ଥିତ ଜନସଭାକୁ ସମ୍ବୋଧିତ କରିବେ। ରାୟଗଡ଼ା ସହ ଉପକଣ୍ଠ ଜେ.ଏସ୍.କୋ ପଡିଆରେ ସେ ନିଜର ଦଳୀୟ ପ୍ରାର୍ଥୀମାନଙ୍କ ପାଇଁ ନିର୍ବାଚନ ପ୍ରଚାର କରିବେ।

ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଆଜି ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଆଜି ସେ ନବରଙ୍ଗପୁର ଲୋକସଭା ନିର୍ବାଚନମଣ୍ଡଳୀରେ ୨ଟି ସ୍ଥାନରେ ପ୍ରଚାର କରିବେ। କୋଟପାଡ୍ ନିର୍ବାଚନମଣ୍ଡଳୀର କୁନ୍ଦ୍ରାଠାରେ ପ୍ରଚାର ଅଭିଯାନରେ ସେ ଯୋଗଦେଇଛନ୍ତି। ଆସନ୍ତାକାଲି କୋରାପୁଟର ଲକ୍ଷ୍ମୀପୁର ଏବଂ କୋରାପୁଟଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବା ସହ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ବୋଲି ସୂଚନା ମିଳିଛି।

**ନୂଆପଡା** ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରଚାର ପାଇଁ ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ଆଜି ଅରୁଣ ସାଓ ଗସ୍ତ କରି ଦଳୀୟ ବିଧାନସଭା ପ୍ରାର୍ଥୀମାନଙ୍କ ପାଇଁ ନିର୍ବାଚନ ପ୍ରଚାର କରିଛନ୍ତି।

ସେହିପରି କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଆସନ୍ତାକାଲି ଓଡ଼ିଶା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ସେ ଭୁବନେଶ୍ୱରରେ ପହଞ୍ଚିବା ପରେ ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଅପରାହ୍ଣ ୩ଟାରେ କୃଷ୍ଣପ୍ରସାଦ ଏବଂ ୪ଟା ୧୫ ମିନିଟ୍‌ରେ ପିପିଲିଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧିତ କରିବା ସହ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି।

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଆସନ୍ତାକାଲି ପୂର୍ବାହ୍ଣ ୧୦ଟା ୩୦ରେ ମାଲକାନଗିରି ଜିଲ୍ଲା କାଲିମେଳାଠାରେ, ମଧ୍ୟାହ୍ନ ୧୨ଟା ୧୦ରେ ଚିତ୍ରକୋଣ୍ଡାଠାରେ ଏବଂ ଅପରାହ୍ଣ ୩ଟାରେ ଆସ୍କା ଲୋକସଭା ଅନ୍ତର୍ଗତ ଖଲିକୋଟଠାରେ ଅନୁଷ୍ଠିତ ଜନସଭାରେ ଯୋଗଦେବେ ବୋଲି ବିଜେପି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

## ମାଓବାଦୀ ଆତ୍ମସମର୍ପଣ

ବୌଦ୍ଧ ଜିଲ୍ଲାରେ ଆଜି ୯ଜଣ ମାଓବାଦୀ  ପୁଲିସ ଆଇଜିଙ୍କ ଉପସ୍ଥିତରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣ ମହିଳା କ୍ୟାଡରର ହୋଇଥିବାବେଳେ ୭ଜଣ ପୁରୁଷ କ୍ୟାଡରର ଥିବା ସାମ୍ବାଦିକ ସମ୍ମିଳନୀରେ

ପୋଲିସ ଆଇଜି ଜେଏନ ପଙ୍କଜ ସୂଚନା ଦେଇଛନ୍ତି। ମାଓବାଦୀମାନେ କେକେବିଏନ ଛତିଶଗଡ଼ ଦନ୍ତେଓ୍ୱାଡା ଅଂଚଳର ବୋଲି ଜଣାପଡିଛି। ଆଜି ସେମାନେ ଲାଲବାହିନୀ ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି।

## ମତଦାନ ସଚେତନତା

ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ଭୋଟରମାନଙ୍କୁ ସଚେତନ କରାଇବା ପାଇଁ ବିଏମ୍‌ସି ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ଜାରି ରହିଛି। ବିଏମ୍‌ସି ଅଂଚଳରେ ସମସ୍ତ ଭୋଟର ଯେପରି ଆସନ୍ତା ୨୫ ତାରିଖ ଦିନ ସୁଚାରୁରୂପେ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ ସେଥିପାଇଁ ଜନଜାଗରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଉଭୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ବିଏମ୍‌ସି ପକ୍ଷରୁ ଓ୍ୱାକଥନ୍, ମାରାଥନ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା, ନୂତନ ଭୋଟରଙ୍କୁ ସମ୍ବର୍ଦ୍ଧିତ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଆଜି ବିଏମ୍‌ସି ମୁଖ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶତପ୍ରତିଶତ ଭୋଟ ଗ୍ରହଣ ଦ୍ୱାରା ଦେଶର ବିକାଶ ସହିତ ଗଣତନ୍ତ୍ର ସୁଦୃଢ଼ ହେବ ବୋଲି ମତ ପ୍ରକାଶ ପାଇଛି।

ଏହି ଅବସରରେ ଜାଗରଣ ନାଟ୍ୟ ସଂସ୍ଥା ପକ୍ଷରୁ ପଥପ୍ରାନ୍ତ ନାଟକ ମତଦାନ କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ଏହି କାର୍ଯ୍ୟକ୍ରମରେ

ଖୋର୍ଦ୍ଧା ଜିଲ୍ଲାପାଳ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ, ଉପଜିଲ୍ଲାପାଳ ଏବଂ ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ବିଧାନସଭା ନିର୍ବାଚନ-ମୟୂରଭଞ୍ଜ

ନିର୍ବାଚନ କମିଶନଙ୍କ ପକ୍ଷରୁ ଲୋକସଭା ଓ ବିଧାନସଭା ନିର୍ବାଚନ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ମୟୂରଭଞ୍ଜ ଜିଲ୍ଲାରେ ୯ଟି ବିଧାନସଭା ଆସନ ପାଇଁ ପ୍ରାର୍ଥପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି । ଏହି ପ୍ରକ୍ରିୟାରେ ରାଜ୍ୟର ତିନୋଟି ପ୍ରମୁଖ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସ ପକ୍ଷରୁ ଜୋରଦାର ରାଜନୈତିକ ପ୍ରସ୍ତୁତି ଆରମ୍ଭ ହୋଇଛି । ନିର୍ବାଚନ ସମ୍ପର୍କିତ ତଥ୍ୟକୁ ନେଇ ବରିଷ୍ଠ ସାମ୍ବାଦିକ **କଲ୍ୟାଣ କୁମାର ସିହ୍ନାଙ୍କ** ରିପୋର୍ଟ....

# - V/O -

## ରେଡ୍କ୍ରସ-ଥାଲାସେମିଆ ଦିବସ

ଆଜି ବିଶ୍ୱ ରେଡ୍କ୍ରସ ଦିବସ । ରେଡ୍କ୍ରସ ଓ ରେଡ୍ କ୍ରିସେଣ୍ଟ ଆନ୍ଦୋଳନର ପ୍ରତିଷ୍ଠାତା ହେନେରୀ ଡିଓନାଣ୍ଟଙ୍କ ସମ୍ମାନାର୍ଥେ ପ୍ରତିବର୍ଷ ମଇ ମାସ ୮ ତାରିଖ ଆଜିର ଦିନରେ ବିଶ୍ୱ ରେଡ୍କ୍ରସ ଦିବସ ପାଳିତ ହୋଇଆସୁଛି । ଅନ୍ତର୍ଜାତୀୟ ରେଡ୍କ୍ରସ ଓ ରେଡ୍ କ୍ରିସେଣ୍ଟ ଆନ୍ଦୋଳନ

ସଂପର୍କରେ ଲୋକଙ୍କ ଧାରଣାକୁ ବ୍ୟାପକ କରିବା ପାଇଁ ଏହି ଦିବସ ପାଳନ କରାଯାଇଥାଏ ।

ସେହିପରି ଆଜି ମଧ୍ୟ ବିଶ୍ୱ ଥାଲାସେମିଆ ଦିବସ ପାଳନ କରାଯାଉଛି । ଦେଶରେ ମୋଟ୍ ଜନସଂଖ୍ୟାର ପ୍ରାୟ ୧ ଦଶମିକ ୫ ପ୍ରତିଶତ ଲୋକ ଥାଲାସେମିଆରେ ଆକ୍ରାନ୍ତ ହୋଇଥିବା ବେଳେ ରାଜ୍ୟରେ ୧୨ ହଜାରରୁ ଅଧିକ ଥାଲାସେମିଆ ରୋଗୀ ରହିଥିବା ଜଣାପଡ଼ିଛି । ଥାଲାସେମିଆ ଏକ ରକ୍ତ ବିକାର ସମସ୍ୟା । ଏହି ରୋଗର କାରଣ ଓ ଚିକିତ୍ସା ସଂପର୍କରେ ଅବଗତ କରାଇବା ପାଇଁ ଏହି ଦିବସ ପାଳନ କରାଯାଉଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

## ରୁବେଲା ରୋଗୀ ଚିହ୍ନଟ

ନବରଙ୍ଗପୁର ଜିଲ୍ଲାରେ ଦୁଇଜଣ ରୁବେଲା ଭାଇରସ୍‌ରେ ସଂକ୍ରମିତ ରୋଗୀ ଚିହ୍ନଟ ହୋଇଛନ୍ତି। ରୁବେଲାରେ ଆକ୍ରାନ୍ତ ଦୁଇଜଣ ରୋଗୀଙ୍କ ମଧରେ ଜଣେ ୨ ବର୍ଷ ଓ ଅନ୍ୟ ଜଣେ ୭ ବର୍ଷର ଶିଶୁ। ଉଭୟଙ୍କ ରକ୍ତ ପରୀକ୍ଷାରେ ରୁବେଲା ଚିହ୍ନଟ ହୋଇଥିଲା। ଆଜି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ପ୍ରତିନିଧି ଦଳ ପଡ଼ାଲଗୁଡା ଗ୍ରାମ ଗସ୍ତ କରି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିସହ ପରିବାର ବର୍ଗଙ୍କ ସହ ଆଲୋଚନା କରି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। ରୁବେଲା ଏକ ସଂକ୍ରାମକ ରୋଗ ହୋଇଥିବାରୁ ଦୁଇ ଶିଶୁଙ୍କୁ

ସଙ୍ଗରୋଧରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିଶୁମାନଙ୍କ ସହ ପରିବାର ବର୍ଗ ମଧ୍ୟ ସତର୍କ ରହିବାକୁ କୁହାଯାଇଛି।

## ନିର୍ବାଚନ ବୈଠକ-ଗଞ୍ଜାମ

ଗଞ୍ଜାମ ଜିଲ୍ଲାର ଆସିକା ଲୋକସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀରେ ନିର୍ବାଚନ ନିମନ୍ତେ ସମସ୍ତ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ପ୍ରାର୍ଥୀ ଓ ପ୍ରତିନିଧିମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗଞ୍ଜାମ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦିବ୍ୟଜ୍ୟୋତି ପରିଡା ଉପସ୍ଥିତ ସମସ୍ତ ପ୍ରାର୍ଥୀ ଓ ପ୍ରାର୍ଥୀଙ୍କ ପ୍ରତିନିଧିମାନଙ୍କୁ ଆଦର୍ଶ ଆଚରଣ ବିଧିର ଅନୁପାଳନ କରିବା ସହ ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଚଳିତମାସ ୨୦ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନରେ ସମସ୍ତ ଦିଗ ପ୍ରତି ଦୃଷ୍ଟି ରଖିବା ସହ ତ୍ରୁଟିଶୂନ୍ୟ ପରିଚାଳନା ପାଇଁ ଭାରତୀୟ ନିର୍ବାଚନ କମିଶନର ବିଭିନ୍ନ ପର୍ଯ୍ୟବେକ୍ଷକମାନଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ବୈଠକରେ କୌଣସି ବୁଥ୍‌ରେ ବିଶୃଙ୍ଖଳା ଦେଖାଦେଲେ ସଂପୃକ୍ତ ଅଞ୍ଚଳର ନିର୍ବାଚନ ଅଧିକାରୀଙ୍କୁ ଜଣାଇବାକୁ କୁହାଯାଇଛି।

## ପ୍ରାର୍ଥୀପତ୍ର ଯାଞ୍ଚ

ଢେଙ୍କାନାଳ ଜିଲ୍ଲା ଲୋକସଭା ଆସନ ପାଇଁ ପ୍ରାର୍ଥିପତ୍ର ଦାଖଲ ପରେ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ଏଥିରେ ୧୦ ଜଣଙ୍କ ପ୍ରାର୍ଥୀପତ୍ର କାଏମ୍ ରହିଛି। ସେହିପରି ୪ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଢେଙ୍କାନାଳ,

ହିନ୍ଦୋଳ, କାମାକ୍ଷାନଗର ଓ ପରଜଙ୍ଗରେ ୩୦ ପ୍ରାର୍ଥୀପତ୍ର କାଏମ୍ ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

ପୁରୀ ଲୋକସଭା କ୍ଷେତ୍ର ସମେତ ଜିଲ୍ଲାର ୪ଟି ବିଧାନସଭା କ୍ଷେତ୍ର ପାଇଁ ନାମାଙ୍କନପତ୍ର ଦାଖଲ କରିଥିବା ଯାଞ୍ଚ ପ୍ରକ୍ରିୟା ଗତକାଲି ଶେଷ ହୋଇଛି। ଲୋକସଭା କ୍ଷେତ୍ର ପାଇଁ ୮ ଜଣଙ୍କର ପ୍ରାର୍ଥୀପତ୍ର ନାକଚ ହୋଇଛି ଏବଂ ବିଧାନସଭା ପାଇଁ ୪ ଜଣଙ୍କର ନାକଚ ହୋଇଥିବା ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## ବନକଲାଗି

ପୁରୀ ଶ୍ରୀମନ୍ଦିରରେ ଆଜି ବୈଶାଖ କୃଷ୍ଣ ଅମାବାସ୍ୟା ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ସମ୍ପନ୍ନ କରାଯିବ। ଦତ୍ତ ମହାପାତ୍ର ସେବକମାନେ ଠାକୁରଙ୍କ ବନକଲାଗି କରିବେ । ଦ୍ୱିତୀୟ ଭୋଗମଣ୍ଡପ ଭୋଗ ନୀତି ଶେଷ ହେବାପରେ ଆଜି ସନ୍ଧ୍ୟା ୬ ଘଟିକା ଠାରୁ ରାତ୍ରି ୧୨ଘଟିକା ପର୍ଯ୍ୟନ୍ତ ମହାପ୍ରଭୁଙ୍କର ଏହି ଗୁପ୍ତନୀତି ଅନୁଷ୍ଠିତ ହେବ। ଏହି ସମୟ ମଧ୍ୟରେ ସର୍ବସାଧାରଣଙ୍କ ପାଇଁ ଶ୍ରୀଜୀଉଙ୍କ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ନୀତି ପରେ ମହାସ୍ନାନ ହୋଇ ପୁଣି ଦର୍ଶନ ସ୍ୱାଭାବିକ ହେବ ବୋଲି ଜଣାପଡ଼ିଛି ।

*******************************